# ତହସିଲଦାରଙ୍କ କାର୍ଯ୍ୟାଳୟ

## ବାରଙ୍ଗ, କଟକ

Email: tah.baranga@nic.in, barangatahasil@gmail.com

ନୋଟିସ ସଂଖ୍ୟା-**1894** // ତାରିଖ-**19.09.2022**

## ଲଘୁ ଖଣିଜ ଲିଜ୍ ନିମନ୍ତେ ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ ୨୦୧୬, ଓଡିଶା ଲଘୁ ଖଣିଜ ରିହାତି (ସଂଶୋଧନ) ଆଇନ ୨୦୧୭ ଓ ଓଡିଶା ଲଘୁ ଖଣିଜ ରିହାତି (ସଂଶୋଧନ) ଆଇନ ୨୦୨୨ ଅନୁଯାୟୀ ବାରଙ୍ଗ ତହସିଲ ଅନ୍ତର୍ଗତ ନରଣପୁର ଏବଂ ବିଦ୍ୟାଧରପୁର ବାଲି (ଖାଦାନ) ଉତ୍ସ (ଲଘୁ ଖଣିଜ ଦ୍ରବ୍ୟ) ଗୁଡିକୁ ୫ ବର୍ଷ ନିମନ୍ତେ ଦୀର୍ଘ ମିଆଦ ଲିଜ ସୂତ୍ରେ ନେବା ପାଇଁ ଇଚ୍ଛୁକ ଥିବା ବ୍ୟକ୍ତିମାନଙ୍କର ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି |ତେଣୁ ଆବେଦନକାରୀ ଫର୍ମ "M" ପୂରଣ କରି ୩ କପି ସହ ଏହି ତହସିଲ ପତ୍ର ସଂଖ୍ୟା **1889 ତା. 19.09.2022** ରିଖରେ ଦିଆଯାଇଥିବା ସର୍ତ୍ତାବଳୀ ମୁତାବକ ତା ୧୫.୧୦.୨୦୨୨ ରିଖ ଅପରାହ୍ନ ୧.୦୦ ଘଟିକା ସୁଦ୍ଧା ଆବେଦନ କରିପାରିବେ | ଏହି ସଂକ୍ରାନ୍ତୀୟ ସଂପୂର୍ଣ୍ଣ ସର୍ତ୍ତାବଳୀ କଟକ WebSite-www.cuttack.nic.in ରୁ, ତହସିଲ କାର୍ଯ୍ୟାଳୟ ନୋଟିସ ବୋର୍ଡରୁ କିମ୍ବା ତହସିଲ e-mail- barangatahasil@gmail.com କୁ ଆବେଦନ ପଠାଇ ଜାଣିପାରିବେ |

ତହସିଲଦାର, ବାରଙ୍ଗ

Tahasildar
Barang, Cuttack

# ତହସିଲଦାରଙ୍କ କାର୍ଯ୍ୟାଳୟ

**ବାରଙ୍ଗ, କଟକ**

ନୋଟିସ ସଂଖ୍ୟା- **1889** // ତାରିଖ- **19/09/2022**

## ଲଘୁ ଖଣିଜ ଦ୍ରବ୍ୟ ଦୀର୍ଘ ମିଆଦି ନିମନ୍ତେ ବିଜ୍ଞାପନ

*( ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ ୨୦୧୬, ଓଡିଶା ଲଘୁ ଖଣିଜ ରିହାତି (ସଂଶୋଧନ ) ଆଇନ ୨୦୧୭ ଓ ଓଡିଶା ଲଘୁ ଖଣିଜ ରିହାତି (ସଂଶୋଧନ ) ଆଇନ, ୨୦୨୨ଅନୁଯାୟୀ )*

ଏତଦ୍ୱାରା ସର୍ବସାଧାରଣଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ବାରଙ୍ଗ ତହସିଲ ଅନ୍ତର୍ଗତ ସୂଚିରେ ପ୍ରଦତ୍ତ ଲଘୁ ଖଣିଜ ଦ୍ରବ୍ୟ ସଇରାତ ଉତ୍ସ ଗୁଡିକୁ ଅନୁନ୍ୟ ୫ (ପାଞ୍ଚ) ବର୍ଷ ନିମନ୍ତେ ଦୀର୍ଘ ମିଆଦି ଲିଜ ସୂତ୍ରେ ନେବା ପାଇଁ ଇଚ୍ଛୁକ ଥିବା ବ୍ୟକ୍ତି ମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

ପ୍ରକାଶ ଥାଉକି ଲିଜରେ ଅଂଶ ଗ୍ରହଣ ନିମନ୍ତେ ଇଚ୍ଛୁକ ବ୍ୟକ୍ତି ବିଶେଷ ଉତ୍ସ ଗୁଡିକର ପରିଦର୍ଶନ, ପରିଚାଳନା ପାଇଁ ଗମନାଗମନର ସୁବିଧା, ଗଚ୍ଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଆବେଦନ କରିବା ବାଞ୍ଛନୀୟ । ଲିଜ ନେବା ପରେ ସଇରାତ ଚଳାଇବା କିମ୍ବା ରାସ୍ତା ଦେଖାଇବା ସମ୍ପର୍କରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣୀୟ ହେବ ନାହିଁ ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ ୨୦୧୬, ଓଡିଶା ଲଘୁ ଖଣିଜ ରିହାତି (ସଂଶୋଧନ) ଆଇନ ୨୦୧୭ ଓ ଓଡିଶା ଲଘୁ ଖଣିଜ ରିହାତି (ସଂଶୋଧନ ) ଆଇନ, ୨୦୨୨ ଅନୁଯାୟୀ ବର୍ଣ୍ଣିତ ତିନିକିତା ଫର୍ମ 'M' ପୂରଣ କରି ତତ୍ ସହିତ ନିମ୍ନଲିଖିତ ଆବଶ୍ୟକୀୟ କାଗଜାତ ଦାଖଲ କରିବା ହେବେ ।

୧. ଦରଖାସ୍ତ ଫି ବାବଦକୁ ଟ. **୧,୦୦୦/- (ଏକ ହଜାର) ଟଙ୍କାର ଟ୍ରେଜେରୀ ଚାଲାଣ**(Head of Account-0853-Non-FerrousMining And Metallurgical Industries-102-Mineral Concession Fees, Rents and Royalties) ଜମା କରିବାକୁ ପଡିବ | ଏହି ଦରଖାସ୍ତ ଫି ଫେରସ୍ତ କରାଯିବ ନାହିଁ ।

୨. ଦରଖାସ୍ତକାରୀଙ୍କ ନାମରେ ଉପରୋକ୍ତ ଆଇନ ଅନୁଯାୟୀ କୌଣସି ଖଣିଜ **ଦେୟ ବକେୟା ନ ଥିବା ଦର୍ଶାଇ ଏକ ସତ୍ୟପାଠ** ଦାଖଲ କରିବାକୁ ହେବ |

୩. ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (Minimum Guaranteed Quantity) ନିମନ୍ତେ ଆବେଦନକାରୀ ଦରଖାସ୍ତରେ ଦର୍ଶାଇଥିବା **ଅତିରିକ୍ତ ଦେୟ ତଥା ରୟାଲିଟିର ସମପରିମାଣ ମୂଲ୍ୟର 18 ମାସ ବୈଧତା ଥିବା ବ୍ୟାଙ୍କ ପ୍ରତ୍ୟାଭୂତି** (Bank Guarantee) (in original) କିମ୍ବା **ପୂର୍ବ ଆର୍ଥିକ ବର୍ଷରେ ଆବେଦନକାରୀ ପୈଠ କରିଥିବା ITR ର self- certified ନକଲ** (ଯେଉଁଥିରେ ଆବେଦନକାରୀଙ୍କ ନେଟ୍ ଆୟ, ସେ ଆବେଦନ କରିଥିବା [(MGQ of the Quarry) X (Offered Additional Charge + Royalty)] ଠାରୁ ଅଧିକ ହୋଇଥିବ) ଆବେଦନ ସହିତ ଦାଖଲ କରିବାକୁ ହେବ |

Bank Guarantee= (MGQ of the Quarry) X (Offered Additional Charge + Royalty), **OR**, Annual Gross Total income in ITR of previous FY should be more than the [(MGQ

Tahasildar Barang, Cuttack 19/9/22

of the Quarry) X (Offered Additional Charge + Royalty)] *(Copy of self-certified ITR to be attached)*

NB: Offered additional charge shall include minimum additional charge.

୪. ପ୍ରାଧିକୃତ ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ହୋଇଥିବା **ଆବେଦନକାରୀଙ୍କ ସ୍ଥାବର (Immovable Property)ସମ୍ପତ୍ତି ତାଲିକା।**

୫. ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ ଉପରେ ନିର୍ଦ୍ଧାରିତ **ଅତିରିକ୍ତ ଦେୟ ଓ ରୟାଲିଟିର ଶତକଡା ୫ ଭାଗ** EMD(Earnest Money) ନିମନ୍ତେ ତହସିଲଦାରଙ୍କ ନାମରେ ଚଳବନ୍ଧକକୃତ ବା Pledged ବ୍ୟାଙ୍କ ଡ୍ରାଫ୍ଟ ।

[EMD= 5% of {(Minimum Additional Charge + Royalty)*MGQ of that quarry}]

୬. ଯୋଗ୍ୟ ବିବେଚିତ ହୋଇଥିବା ଆବେଦନକାରୀଙ୍କୁ ମନୋନୟର ୭(ସାତ) ଦିନ ମଧ୍ୟରେ ନିର୍ଦ୍ଧାରିତ ଫର୍ମରେ ଜଣାଇ ଦିଆଯିବ । **ଯୋଗ୍ୟ ବିବେଚିତ ହୋଇଥିବାସୂଚନା ପାଇବାର ୧୫ ଦିନ ମଧ୍ୟରେ ମନୋନିତ ଆବେଦନକାରୀ ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ଆଇନରେ ଥିବା ସର୍ତ୍ତାବଳୀର ସମ୍ମତି ପ୍ରଦାନ କରିବେ ଏବଂ ତତ୍ ସଙ୍ଗେ ସଙ୍ଗେ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ ଉପରେ ଦରଖାସ୍ତରେ ଦର୍ଶାଇଥିବା ବାର୍ଷିକ ଅତିରିକ୍ତ ଦେୟ ତଥା ରୟାଲଟି ପରିମାଣର ଏକ ଚତୁର୍ଥାଂଶ (୧/୪) ସହିତ ଜିଲ୍ଲା ଖଣିଜ ପାଣ୍ଠି ବାବଦକୁ ଥିବା ଦେୟରୁ Earnest Moneyକୁ ବାଦ ଦେଇ ବଳକା ଥିବା ରାଶି ଜମା କରିବେ।** ଯଦି ମନୋନୀତ ଆବେଦନକାରୀ ୧୫ ଦିନ ମଧ୍ୟରେ ସମ୍ମତି ସହିତ ଉପରୋକ୍ତ ରାଶି ଜମା ନ କରନ୍ତି, ତେବେ ତାଙ୍କର EMDବାବଦକୁ ଜମାଥିବା ରାଶି ବାଜ୍ୟାପ୍ତ କରି ସରକାରଙ୍କ ନିକଟରେ ଜମା ଦିଆଯିବ ଏବଂ ଦ୍ୱିତୀୟ ସର୍ବାଧିକ ଅତିରିକ୍ତ ଦେୟ ତଥା ରୟାଲଟି ମୂଲ୍ୟ ଦର୍ଶାଇଥିବା ଦରଖାସ୍ତକାରୀଙ୍କୁ ସୁଯୋଗ ଦିଆଯିବ । ମନୋନୟନ ପ୍ରକ୍ରିୟା ସମାପ୍ତ ହେଲା ପରେ ଅକୃତକାର୍ଯ୍ୟ ଆବେଦନକାରୀ ମାନଙ୍କୁ ଜମା ଦେଇଥିବା Earnest Money ଫେରସ୍ତ କରାଯିବ ।

୭. ଆବେଦନକାରୀ ଦରଖାସ୍ତରେ ଦର୍ଶାଇଥିବା ଅତିରିକ୍ତ ଦେୟ ତଥା ରୟାଲଟି ମୂଲ୍ୟ Mining Planରେ ଦର୍ଶାଯାଇଥିବା ଲଘୁ ଖଣିଜ ଉତ୍ତୋଳନ ପରିମାଣ ଅନୁଯାୟୀ ବାର୍ଷିକ ସମସ୍ତ ଟଙ୍କା ଲିଜଧାରୀଙ୍କୁ ଏକକାଳୀନ ଦାଖଲ କରିବାକୁ ପଡିବ । **ସେହିଭଳି ଲିଜ୍ ଧାରୀଙ୍କୁଆଗାମି ୭(ସାତ) ଦିନ ମଧ୍ୟରେ ପ୍ରଥମ ବର୍ଷର ପରିମାଣ ଅନୁଯାୟୀ (ନିମ୍ନରେ ପ୍ରଦତ୍ତ ସୂଚୀ ଅନୁସାରେ)ବକୟା ଥିବା ଅତିରିକ୍ତ ଦେୟ ତଥା ରୟାଲଟିର ମୂଲ୍ୟଜମା କରିବାକୁ ପଡିବ ।ଲିଜଧାରୀବକୟା ଥିବା ମୂଲ୍ୟ ଜମା କରିବା ପରେ ନିଜ ଖର୍ଚ୍ଚରେ ଲିଜ Agreement ବା ଚୁକ୍ତି (ରେଜିଷ୍ଟ୍ରେସନ ଆକ୍ଟ -୧୯୦୮ ଓ ଷ୍ଟାମ୍ପ ଆକ୍ଟ ୧୮୯୯ ଅନୁଯାୟୀ) ସମ୍ପାଦନ କରିବେ । ଯଦି ନିୟୋଜିତ ଦରଖାସ୍ତକାରୀ ଚୁକ୍ତି ସମ୍ପାଦନ ପୂର୍ବରୁ ନିର୍ଦ୍ଧାରିତ ମୂଲ୍ୟ ଜମା ନ କରନ୍ତି,ତେବେ ତାଙ୍କର EMDଓ ଜମା କରିଥିବା ରାଶି ବାଜ୍ୟାପ୍ତ କରି ସରକାରଙ୍କ ନିକଟରେ ଜମା ଦିଆଯିବ** । ଏହା ବ୍ୟତୀତ ଆବେଦନକାରୀ ବା ଲିଜଧାରୀ ଦାଖଲ କରିଥିବା ସମସ୍ତ ଅତିରିକ୍ତ ଦେୟ ତଥା ରୟାଲଟି ମୂଲ୍ୟର ଶତକଡା ୫ ଭାଗ ଅର୍ଥ ପରିବେଶ ପରିଚାଳନା ପାଣ୍ଠି ବାବଦକୁ ପଇଠ କରିବା ସହିତ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ District Mineral Foundationବାବଦକୁ ଶତକଡା ୧୦ ଭାଗ ଅର୍ଥ ଜମା କରିବାକୁ ପଡିବ ।

Tahasildar
Barang, Cuttack

୮. ଲିଜଧାରୀଙ୍କୁ **ପ୍ରତ୍ୟେକ ବର୍ଷ ଧାର୍ଯ୍ୟ କରାଯାଇଥିବା ରୟାଲଟି ଏବଂ ଅତିରିକ୍ତ ଦେୟ ସହିତ Dead Rent, ଏବଂ Surface Rentଦାଖଲ କରିବାକୁ ପଡିବ** । ଲିଜଧାରୀଙ୍କୁ ସରକାରଙ୍କ ଦ୍ୱାରା ସମୟାନୁକ୍ରମେ ବର୍ଦ୍ଧିତ ହେଉଥିବା ରୟାଲଟି / Dead Rentଓ ଅନ୍ୟାନ୍ୟ ଦେୟର ଧାର୍ଯ୍ୟ ମୂଲ୍ୟ ଜମାକରିବାକୁ ପଡିବ । ପ୍ରାଧିକୃତ ଅଧିକାରୀ Mining Planରେ ଦର୍ଶାଇଥିବା ସର୍ବନିମ୍ନ ଉଲ୍ଲେଖ ପରିମାଣ ଏହି ନୋଟିସରେ ଦର୍ଶାଇଥିବା ପରିମାଣ ସହିତ ସମାନ କିମ୍ବା ଅଧିକ ହୋଇପାରେ । ତେଣୁ ଲିଜଧାରୀଙ୍କୁ ପ୍ରାଧିକୃତ ଅଧିକାରୀଙ୍କ ଦ୍ୱାରା ଦିଆଯାଇଥିବା ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ ମୁତାବକ ସମସ୍ତ ଦେୟ ରୟାଲଟି DMFଏବଂ ଅନ୍ୟାନ୍ୟ ଦେୟ ଦାଖଲ କରିବେ । ଯଦି ଲିଜଧାରୀ ଧାର୍ଯ୍ୟ ପରିମାଣ ଠାରୁ ଅଧିକ ଉତ୍ତୋଳନ କରିବେ,

ଅନ୍ୟାନ୍ୟ ଦେୟ ଦାଖଲ କରିବେ । ଯଦି ଲିଜଧାରୀ ଧାର୍ଯ୍ୟ ପରିମାଣ ଠାରୁ ଅଧିକ ଉତ୍ତୋଳନ କରିବେ, ତେବେ ସେଥିପାଇଁ ଲିଜଧାରୀଙ୍କୁ ଅଧିକ ଉତ୍ତୋଳନର ସମସ୍ତ ଦେୟ **ତହସିଲଦାର,ବାରଙ୍ଗ** ଙ୍କ ଠାରେ ଦାଖଲ କରିବାକୁ ପଡିବ ।

୯. **ଲିଜଧାରୀ ନିର୍ଦ୍ଧାରିତ ନିୟମର ଉଲଂଘନ କଲେ ଜମା ଦେଇଥିବା ସିକ୍ୟୁରୀଟି ରାଶିକୁ ବ୍ୟାଜ୍ୟାପ୍ତ କରିବାର କ୍ଷମତା ପାଧିକୃତ ଅଧିକାରୀଙ୍କ ପାଖରେ ରହିଅଛି ।**

୧୦. **ଲିଜଧାରୀ ବାର୍ଷିକ ନିଲାମ ମୂଲ୍ୟର ୨% (ଶତକଡା ଦୁଇ)ଆୟକର ଓ ସମୟାନୁକ୍ରମେ ସରକାରଙ୍କ ଦ୍ୱାରା ଲାଗୁ କରାଯାଉଥିବା ଅନ୍ୟାନ୍ୟ ସରକାରୀ ଦେୟ ପ୍ରତ୍ୟେକ ବର୍ଷ ଜମା କରିବାକୁ ହେବ ।**

୧୧. ଉପରୋକ୍ତ କାଗଜାତ ସହ ଦରଖାସ୍ତକୁ **ଜଉମୁଦ-ଦିଆ ଲଫାପାରେ ଆବେଦନ କରୁଥିବା ଉତ୍ସର ନାମ ଏବଂ ସଂଖ୍ୟା ଉଲ୍ଲେଖ କରି** ତହସିଲ କାର୍ଯ୍ୟାଳୟରେ ଥିବା ଜଉମୁଦ-ଦିଆ ଟେଣ୍ଡର ବାକ୍ସରେ ତା **୧୫.୧୦.୨୦୨୨** ରିଖ ଅପରାହ୍ଣ **୧.୦୦** ଘଟିକା ସୁଦ୍ଧା ଯେକୌଣସି କାର୍ଯ୍ୟ ଦିବସରେ ସରକାରୀ କାର୍ଯ୍ୟ ନିର୍ଘଣ୍ଟ ସମୟ ମଧ୍ୟରେ ଦାଖଲ କରିପାରିବେ । ଉପରୋକ୍ତ ସମୟ ପରେ କୌଣସି ଦରଖାସ୍ତ ଗ୍ରହଣୀୟ ହେବନାହିଁ । ସେମାନେ ସ୍ପିଡ ପୋଷ୍ଟ କିମ୍ବା ରେଜିଷ୍ଟ୍ରି ପୋଷ୍ଟ ମାଧ୍ୟମରେ ମଧ୍ୟ ଦାଖଲ କରି ପାରିବେ। ସ୍ପିଡ ପୋଷ୍ଟ କିମ୍ବା ରେଜିଷ୍ଟ୍ରି ପୋଷ୍ଟ ମାଧ୍ୟମରେ ଦାଖଲ ହୋଇଥିବା କାଗଜାତ ଧାର୍ଯ୍ୟ ସମୟ ସୀମା ପୂର୍ବରୁ ପହଞ୍ଚିବା ଅନିବାର୍ଯ୍ୟ।

୧୨. ଆବେଦନକାରୀ ପ୍ରାଧିକୃତ ଅଧିକାରୀଙ୍କ ଦ୍ୱାରା (Competent Authority) ଧାର୍ଯ୍ୟ ହୋଇଥିବା ଅତିରିକ୍ତ ଦେୟ ତଥା ରୟାଲଟି ମୂଲ୍ୟଠାରୁ କମ ମୂଲ୍ୟ ଦର୍ଶାଇଲେ, ତାହା ଗ୍ରହଣୀୟ ହେବ ନାହିଁ ଏବଂ ଦରଖାସ୍ତ ଟି ନାକଚ ହେବ । **ଦରଖାସ୍ତ ଗୁଡିକ ଆବେଦନକାରୀ କିମ୍ବା ତାଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ସମ୍ମୁଖରେ ତା. ୧୫.୧୦.୨୦୨୨ ରିଖ ଅପରାହ୍ଣ ୩.୦୦ ଘଟିକା ସମୟରେ ତହସିଲ କାର୍ଯ୍ୟାଳୟ, ବାରଙ୍ଗରେ ଖୋଲାଯିବ**। ଆବେଦିତ ଦରଖାସ୍ତ ମାନଙ୍କ ମଧ୍ୟରେ ରୟାଲଟି ଉପରେ ସର୍ବାଧିକ ଅତିରିକ୍ତ ଦେୟ (Additional Charge) ଦର୍ଶାଇଥିବା ଆବେଦନ ପତ୍ରକୁ ଯୋଗ୍ୟ ବିବେଚିତ କରାଯିବ ।

ଯଦି ଏକାଧିକ ବ୍ୟକ୍ତି ସମ୍ପୃକ୍ତ ସୈରାତ ଉତ୍ସ ନିମନ୍ତେ ରୟାଲଟି ଉପରେ ସମାନ ମୂଲ୍ୟର ଅତିରିକ୍ତ ଦେୟ ଦର୍ଶାଇଥାନ୍ତି, ତେବେ ଲଟେରି ମାଧ୍ୟମରେ ଯୋଗ୍ୟ ଆବେଦନକାରୀଙ୍କୁ ମନୋନୀତ କରାଯିବ ।

୧୩. ମନୋନୀତ ଆବେଦନକାରୀ Advertisement, Mining Plan ତଥା Environmental (Clearance) ବାବଦରେ ଖର୍ଚ୍ଚ ହୋଇଥିବା ଟଙ୍କା ଦେବାକୁ ପଡିବ ।

୧୪. ଏହି ସମସ୍ତ ପ୍ରକ୍ରିୟା ଶେଷ ହେବାପରେ ମନୋନୀତ ଆବେଦନକାରୀଙ୍କୁ ଓଡିଶା ଲଘୁଖଣିଜ ଦ୍ରବ୍ୟ ରିହାତି ଆଇନ -୨୦୧୬, ଓଡିଶା ଲଘୁଖଣିଜ ଦ୍ରବ୍ୟ ରିହାତି (ସଂଶୋଧିତ) ଆଇନ -୨୦୧୭ ଓ ଓଡିଶା ଲଘୁଖଣିଜ ଦ୍ରବ୍ୟ ରିହାତି (ସଂଶୋଧିତ) ଆଇନ -୨୦୨୨ ନିୟମାବଳି ପ୍ରକାରେ **ସମସ୍ତ ଦେୟ ଜମା ଦେଇ ଲିଜ ପାଇଁ ଚୁକ୍ତିପତ୍ର ସମ୍ପାଦନା କରିବାକୁ ହେବ** ।

Tahasildar
Barang, Cuttack

ଯଦି ପ୍ରଥମ ଧାର୍ଯ୍ୟ ତା **୧୫.୧୦.୨୦୨୨** ରିଖ ରେ କୌଣସି କାରଣ ବଶତଃ ଜଉମୁଦ ଟେଣ୍ଡର ବାକ୍ସ ଖୋଲା ହୋଇ ନପାରିଲେ, ପରବର୍ତ୍ତୀ ପର୍ଯ୍ୟାୟରେ **ତା ୧୭.୧୦.୨୦୨୨ ରିଖ ଦିବା ୧୧ ଘଟିକାରେ** କିମ୍ବା ତାହା ମଧ୍ୟ ନହୋଇପାରିଲେ **ତା ୧୮.୧୦.୨୦୨୨ରିଖ ଦିବା ୧୧ ଘଟିକାରେ** ଦରଖାସ୍ତକାରୀ କିମ୍ବା ସେମାନଙ୍କ ପ୍ରାଧିକୃତ ବ୍ୟକ୍ତିବିଶେଷଙ୍କ ଉପସ୍ଥିତିରେ ଜଉମୁଦ ଟେଣ୍ଡର ବାକ୍ସ ଖୋଲାଯାଇ ଲିଜ ନିମନ୍ତେ ଯୋଗ୍ୟ ଆବେଦନକାରୀଙ୍କୁ ମନୋନୀତ କରାଯିବ ।

ଯଦି ପ୍ରଥମ ଧାର୍ଯ୍ୟ ତା **୧୫.୧୦.୨୦୨୨** ରିଖ ରେ ସମସ୍ତ ଦାଖଲକାରୀ ଅଯୋଗ୍ୟ ବିବେଚିତ ହୁଅନ୍ତି କିମ୍ବା କୌଣସି ଉତ୍ସ ପାଇଁ ଯଦି ଆବେଦନ ଆସି ନଥାଏ ତେବେ ପରବର୍ତ୍ତୀ ପର୍ଯ୍ୟାୟରେ **ତା ୧୭.୧୦.୨୦୨୨ ରିଖ ଦିବା ୧୧.୦୦ ଘଟିକା ଠାରୁ ତା ୨୫.୧୦.୨୦୨୨ ରିଖ** ଅପରାହ୍ଣ **୧.୦୦ ଘଟିକା** ସୁଧା

ଆବେଦନ କରିପାରିବେ ଏବଂ ତାହା **ତା ୨୫.୧୦.୨୦୨୨ ରିଖ ଅପରାହ୍ନ ୩.୦୦ ଘଟିକାରେ ତହସିଲ କାର୍ଯ୍ୟାଳୟ, ବାରଙ୍ଗରେ** ଦରଖାସ୍ତକାରୀ କିମ୍ବା ସେମାନଙ୍କ ପ୍ରାଧିକୃତ ବ୍ୟକ୍ତିବିଶେଷଙ୍କ ଉପସ୍ଥିତିରେ ଜଉମୁଦ ଟେଣ୍ଡର ବାକ୍ସ ଖୋଲାଯିବ ଓ ଲିଜ ନିମନ୍ତେ ଯୋଗ୍ୟ ଆବେଦନକାରୀଙ୍କୁ ମନୋନୀତ କରାଯିବ ।

କୌଣସି କାରଣ ନ ଦର୍ଶାଇ ଏହି ବିଜ୍ଞାପନକୁ ବାତିଲ କରିବା, ପରିବର୍ତ୍ତନ କରିବା, ତୃଟି ସଂଶୋଧନ କରିବା କିମ୍ବା କୌଣସି ଦରଖାସ୍ତକୁ ଖାରଜ କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀଙ୍କର ରହି ଅଛି ।

N.B.- ଖବରକାଗଜ ବିଜ୍ଞାପନ ନିମନ୍ତେ ସମସ୍ତ ଖର୍ଚ୍ଚ ବିବେଚିତ ହୋଇଥିବା ନିଲାମଧାରୀ ବହନ କରିବେ ।

**ଗୁରୁତ୍ୱପୂର୍ଣ୍ଣ ତାରିଖ**

1- **ଦରଖାସ୍ତ ପକାଇବାର ଶେଷ ତାରିଖ -15.10.2022/ 1 PM**

2- **ଟେଣ୍ଡର ବାକ୍ସ ଖଲିବାର ଶେଷ ତାରିଖ – 15.10.2022/ 3 PM**

3- **କୌଣସି କାରଣ ବଶତଃ 15.10.2022ରେ ଖୋଲା ହୋଇ ନପାରିଲେ ପରବର୍ତ୍ତୀ ତାରିଖ – 17.10.2022/ 11AM**

4- **କୌଣସି କାରଣ ବଶତଃ 17.10.2022ରେ ଖୋଲା ହୋଇ ନପାରିଲେ ପରବର୍ତ୍ତୀ ତାରିଖ – 18.10.2022/ 11AM**

5- **ଯଦି ପ୍ରଥମ ଧାର୍ଯ୍ୟ ତାରିଖ ମଧରେ କୌଣସି ଦରଖାସ୍ତ ପ୍ରାପ୍ତ ନହେଲେ ଦିତୀୟ ଆବେଦନ ତାରିଖ-17.10.2022/11 AM to 25.10.2022/1 PM**

6- **ଦିତୀୟ ଟେଣ୍ଡର ବାକ୍ସ ଖୋଲିବାର ତାରିଖ- 25.10.2022/ 3 PM**

19/9/22
ତହସିଲଦାର, ବାରଙ୍ଗ
Tahasildar
Barang, Cuttack

**ଜ୍ଞାପକ ସଂଖ୍ୟା- 1890 ତାରିଖ- 19.09.2022**

ଏହାର ଏକକିତା ନକଲ ଜିଲ୍ଲାପାଳ, କଟକ/ ଉପ-ଜିଲ୍ଲାପାଳ, ସଦର, କଟକଙ୍କ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

19/9/22
ତହସିଲଦାର, ବାରଙ୍ଗ
Tahasildar
Barang, Cuttack

**ଜ୍ଞାପକ ସଂଖ୍ୟା-1891 ତାରିଖ- 19.09.2022**

ଏହାର ଏକକିତା ନକଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବାରଙ୍ଗ, କଟକ ଉନ୍ନୟନ କର୍ତ୍ତୃପକ୍ଷ, କଟକ ଏବଂ ତହସିଲଦାର, ବାରଙ୍ଗଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

19/9/22
ତହସିଲଦାର, ବାରଙ୍ଗ
Tahasildar
Barang, Cuttack

**ଜ୍ଞାପକ ସଂଖ୍ୟା-1892 ତାରିଖ- 19.09.2022**

ଏହାର ଏକକିତା ନକଲ ବାରଙ୍ଗ ତହସିଲ ଅଧିନରେ ଥିବା ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଓ ନିଜ କାର୍ଯ୍ୟାଳୟର ନୋଟିସ୍ ବୋର୍ଡରେ ପ୍ରକାଶ କରିବା ପାଇଁ ନିର୍ଦ୍ଦେଶ ଦିଆଗଲା ।

19/9/22
ତହସିଲଦାର, ବାରଙ୍ଗ
Tahasildar
Barang, Cuttack

**ଜ୍ଞାପକ ସଂଖ୍ୟା- 1893 ତାରିଖ- 19.09.2022**

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଅଧିକାରୀ, କଟକଙ୍କୁ ଜିଲ୍ଲା website ରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

19/9/22
ତହସିଲଦାର, ବାରଙ୍ଗ
Tahasildar
Barang, Cuttack

| କ୍ର.ନଂ. | ମୌଜାର ନାମ | ସୈରାତ ଉତ୍ସର ନାମ | ଖାତା ନଂ. | ପ୍ଲଟ ନଂ. | କିସମ | ରକବା | ଧାର୍ଯ୍ୟ ସରକାରୀ ମୂଲ୍ୟ ଓ ସର୍ବନିମ୍ନ ଅତିରିକ୍ତ ଦେୟ | Controlling Authority ଙ୍କ ଦ୍ୱାରା ଅନୁମୋଦିତ ବାଲି ଉଠାଇବାର ପରିମାଣ (ବାର୍ଷିକ) |
|---|---|---|---|---|---|---|---|---|
| ୧ | ନରଣପୁର | କୁଆଖାଇ ନଦୀ ବାଲି ସୈରାତ ଉତ୍ସ, ନରଣପୁର | 196 | 1 (P) | ନଦୀ | Ac. 12.250 | Rs.35+Rs.200 = Rs.235/- | 56,000 Cum |
| ୨ | ବିଦ୍ୟାଧରପୁର | କାଠଯୋଡୀ ନଦୀ ବାଲି ସୈରାତ ଉତ୍ସ, ବିଦ୍ୟାଧରପୁର | 331 | 102 (P) | ନଦୀ | Ac. 12.200 | Rs.35+Rs.200= Rs.235/- | 1,10,000 Cum |

ତହସିଲଦାର, ବାରଙ୍ଗ

Tahasildar
Barang, Cuttack